# NATIONAL NEWS BULLETIN (ODIA)

## 3 April - 2024

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ବିହାରର ଜାମୁଇ ଠାରୁ ଏନ୍.ଡି.ଏ.ର ନିର୍ବାଚନ ପ୍ରଚାର ଆରମ୍ଭ କରିବେ ।
- ପ୍ରଧାନମନ୍ତ୍ରୀ ଆଜି ନମୋ ଆପ୍ ମାଧ୍ୟମରେ ଏକ ଡିଜିଟାଲ ର୍‍ୟାଲୀରେ ବୁଥ୍‌ସ୍ତରୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି ।
- ଦିଲ୍ଲୀର ଏକ ଅଦାଲତ ଅବକାରୀ ନୀତି ମାମଲାରେ ପ୍ରମାଣ ନଷ୍ଟ ନ କରିବା ଓ ସାକ୍ଷୀମାନଙ୍କୁ ପ୍ରଭାବିତ ନ କରିବାକୁ ଆମ୍ ଆଦ୍‌ମୀ ପାର୍ଟି ନେତା ସଞ୍ଜୟ ସିଂଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।
- ୧୧ ଜଣ ନବନିର୍ବାଚିତ ରାଜ୍ୟସଭା ସଦସ୍ୟ ଆଜି ଶପଥ ନେଇଛନ୍ତି ।

ଏବଂ

- ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡବୀୟ ଗ୍ରୀଷ୍ମ ଋତୁରେ ଗରମଜନିତ ଅସୁସ୍ଥତାର ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ।

## ବିହାର-ପିଏମ୍ ର୍ୟାଲୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ବିହାରର ଜାମୁଇ ଠାରୁ ଏନ୍.ଡି.ଏ.ର ନିର୍ବାଚନ ପ୍ରଚାର ଆରମ୍ଭ କରିବେ। ସେ ଜାମୁଇ ଜିଲ୍ଲାର ଖଇରା ସ୍ଥିତ ବାଲୋପୁର ଠାରେ ଏକ ସଭାରେ ଉଦ୍‌ବୋଧନ ଦେବେ। ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସମେତ ଏନ୍.ଡି.ଏ ନେତା ଓ ପ୍ରାର୍ଥୀମାନେ ବୈଠକରେ ଯୋଗଦେବେ।

ଚିରାଗ ପାଶୱାନ ନେତୃତ୍ୱାଧୀନ ଲୋକ ଜନଶକ୍ତି ପାର୍ଟି ରାମ ବିଳାସ ଜାମୁଇ ସିଟ୍‌ରୁ ପ୍ରାର୍ଥୀ ଛିଡ଼ା କରାଇଛି। ସେଠାରେ ଅରୁଣ ଭାରତୀ ପ୍ରାର୍ଥୀ ରହିଛନ୍ତି। ପୂର୍ବରୁ ସେହି ଆସନକୁ ଚିରାଗ ପାଶୱାନ ୨୦୧୪ ଓ ୨୦୧୯ରେ ପ୍ରତିନିଧିତ୍ୱ କରିଥିଲେ। ସେଠାରେ ୧୯ ତାରିଖରେ ଗୟା, ଔରଙ୍ଗାବାଦ ଓ ନୱାଡ଼ା ସହିତ ପ୍ରଥମ ପର୍ଯ୍ୟାୟରେ ମତଦାନ ହେବ।

## ପିଏମ୍-ନମୋ ଆପ୍ ର୍ୟାଲୀ

ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଜେପି କର୍ମୀମାନଙ୍କର ଉତ୍ସାହ ଦେଖି ବିରୋଧୀ ଦଳ ମାନେ ଭୟଭୀତ ହୋଇପଡ଼ିଛନ୍ତି। ନିର୍ବାଚନର ସମସ୍ତ ପୁରାତନ ରେକର୍ଡ ଭଙ୍ଗ କରିବାକୁ ସଂକଳ୍ପ ନେବା ପାଇଁ ସେ ପାର୍ଟି କର୍ମୀମାନଙ୍କୁ ନିବେଦନ କରିଛନ୍ତି। ଶ୍ରୀ ମୋଦୀ ନମୋ ଆପ୍ ମାଧ୍ୟମରେ ଏକ ଡିଜିଟାଲ ରାଲୀରେ ଉଦ୍‌ବୋଧନ

ଦେଇ ଏହା କହିଛନ୍ତି। ସେ କହିଛନ୍ତି, ପୋଲିଂ ବୁଥ କର୍ମୀମାନେ ସେମାନଙ୍କର ଚର୍ତୁପାର୍ଶ୍ୱର ଘଟଣାବଳୀ ଉପରେ ସଜାଗ ରହିବା ଆବଶ୍ୟକ। ବୁଥ୍‌ସ୍ତରରେ ଉପଯୁକ୍ତ ଓ ସର୍ବୋତ୍କୃଷ୍ଟ ପ୍ରସ୍ତୁତିକୁ ନିଶ୍ଚିତ କରିବା ପାଇଁ ସେ ସେମାନଙ୍କୁ କହିଛନ୍ତି। ସମ୍ବଲ, ବଦାୟୁଁ, ବରେଲି, ଅଓଁଲା, ଇଟା, ହଥରସ, ଆଗ୍ରା, ଫତେପୁର ସିକ୍ରି, ଫିରୋଜାବାଦ ଓ ମଇନପୁରୀ ଲୋକସଭା ଆସନର ୨୨ ହଜାର ୬୪୮ ବୁଥ୍ କର୍ମୀ ସେହି ଡିଜିଟାଲ ରାଲୀରେ ଯୋଗ ଦେଇଥିଲେ। ସେହି ସବୁ ଆସନ ଗୁଡ଼ିକରେ ତୃତୀୟ ପର୍ଯ୍ୟାୟରେ ମତଦାନ ହେବ। ଶ୍ରୀ ମୋଦୀ କିଛି ବୁଥ୍ ସଭାପତିଙ୍କ ସହ ବାର୍ତ୍ତାଳାପ କରିଛନ୍ତି।

ଆମ ସମ୍ବାଦଦାତା ଜଣାଇଛନ୍ତି, ରାଲୀରେ ଉଦ୍‌ବୋଧନ ଦେବା ସମୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଉତ୍ତରପ୍ରଦେଶ ବିଜେପି କର୍ମୀମାନେ ନିଜକୁ ରାଜନୈତିକ ବିଶେଷଜ୍ଞ ଭାବେ ପ୍ରମାଣିତ କରିଛନ୍ତି। ଉତ୍ତରପ୍ରଦେଶ ବିଜେପି କର୍ମୀମାନେ ଯାହା ଜାଣନ୍ତି ବଡ଼ ବଡ଼ ବିଶେଷଜ୍ଞ ମଧ୍ୟ ତାହା ଜାଣନ୍ତି ନାହିଁ ବୋଲି ଶ୍ରୀ ମୋଦୀ କହିଛନ୍ତି। ଲୋକସଭା ନିର୍ବାଚନ ହେଉ ବା ବିଧାନସଭା ନିର୍ବାଚନ ହେଉ ସେମାନଙ୍କର କଠିନ ପରିଶ୍ରମ ନୂଆ ରେକର୍ଡ ସୃଷ୍ଟି କରିଛି।

## ଇଡି-ଲ ଆଣ୍ଡ୍ ଅର୍ଡର

ନିର୍ବାଚନ କମିଶନ ଆଜି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ଆଇନଶୃଙ୍ଖଳା ରକ୍ଷାକାରୀ ସଂସ୍ଥାଗୁଡ଼ିକ ସହ ଏକ ବୈଠକରେ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛି । ଆନ୍ତଃରାଜ୍ୟ ସୀମା ଓ ଆନ୍ତର୍ଜାତିକ ସୀମା ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ବାଚନ କମିଶନ' ମୁଖ୍ୟ ସଚିବ ଓ ପୁଲିସ ମହାନିର୍ଦ୍ଦେଶକ ମାନଙ୍କୁ ନିର୍ଦ୍ଦେଶ ଜାରି କରିଛି। ୨୦୨୪ ସାଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ତଥା ଗଣ୍ଡଗୋଳମୁକ୍ତ ରଖିବା ପାଇଁ କମିଶନ ନିର୍ଦ୍ଦେଶ ଦେଇଛି। ଏକ ବିବୃତିରେ ନିର୍ବାଚନ କମିଶନ କହିଛି, ଏହି ସମୀକ୍ଷା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ସମସ୍ତ ସଂସ୍ଥା ମଧ୍ୟରେ ସମନ୍ୱୟ ଓ ସହଯୋଗ ରକ୍ଷା କରିବା। ବୈଠକରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଅଧ୍ୟକ୍ଷତା କରିଥିଲେ। ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ସୁଖବୀର ସିଂ ସାନ୍ଧୁ ବୈଠକରେ ଉପସ୍ଥିତ ଥିଲେ। ବୈଠକ ସମୟରେ ନିର୍ବାଚନ କମିଶନ ଭାରତୀୟ ବିମାନ ବାହିନୀ ଓ ବେସାମରିକ ବିମାନ ଚଳାଚଳ ବିଭାଗର ସହାୟତାର ସମୀକ୍ଷା କରିଛି।

## ବିହାର-ସୁଶୀଲ ମୋଦି

ବିଜେପି ନେତା ସୁଶୀଲ ମୋଦୀ କର୍କଟ ରୋଗରେ ପିଡ଼ିତ ଥିବାରୁ ଲୋକସଭା ନିର୍ବାଚନ ସମୟରେ ପ୍ରଚାର କରିପାରିବେ ନାହିଁ ବୋଲି

ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଗତ ୬ ମାସ ଧରି ସେ କର୍କଟ ରୋଗ ସହ ଲଢୁଛନ୍ତି ବୋଲି ଜଣାଇଛନ୍ତି । ସୁଶୀଲ ମୋଦୀ ଏନ୍.ଡି.ଏ ମେଣ୍ଟ ସରକାରରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସହ କାର୍ଯ୍ୟ କରିଛନ୍ତି । ୨୦୨୪ ଲୋକସଭା ନିର୍ବାଚନର ମୁଖ୍ୟ ପ୍ରଚାରକମାନଙ୍କ ମଧ୍ୟରେ ସେ ରହିଛନ୍ତି । ବିଜେପି ତାଙ୍କୁ ଇସ୍ତାହାର କମିଟିର ସଦସ୍ୟ ଭାବେ ନିଯୁକ୍ତ କରିଛି ।

## ରାଜସ୍ଥାନ-ବିଜେପି

କଂଗ୍ରେସର ଅନେକ ବରିଷ୍ଠ ନେତାଙ୍କ ସମେତ ୧୧୩ ଜଣ ନେତା ବିଜେପିରେ ଯୋଗ ଦେଇଛନ୍ତି । ସେମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ, ବିଧାୟକ ଓ ନେତାମାନେ ରହିଛନ୍ତି । ହନୁମାନଗଡ଼ରୁ କଂଗ୍ରେସ ସାଂସଦ ଶଙ୍କର ପନ୍ନୁ, ପିଲାନିରୁ କଂଗ୍ରେସ ବିଧାୟକ ଜେ.ପି. ଚାଣ୍ଡେରିଆ, ଜେଜେପିର ପୂର୍ବତନ  ରାଜ୍ୟଶାଖା ଉପସଭାପତି  ଓ ପୂର୍ବତନ ବିଧାୟକ ନନ୍ଦ କିଶୋର ମହାରିୟା ବିଜେପିରେ ଯୋଗ ଦେଇଛନ୍ତି । ଏହି ଅବସରରେ ସେଠାରେ ରାଜସ୍ଥାନ ପାଇଁ ବିଜେପିର ସହ-ପ୍ରଭାରୀ ବିଜୟ ରାହାତକର ଉପସ୍ଥିତ ଥିଲେ । ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତାବେଳେ ଶଙ୍କର ପନ୍ନୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହେଲଟଙ୍କର ସମାଲୋଚନା କରିଥିଲେ ।

# ମହା ବିଜେପି-ଏମ୍‌ପି

ମହାରାଷ୍ଟ୍ରରେ ଜଲଗାଓଁରୁ ବିଜେପି ଏମ୍.ପି. ଉନ୍ମେଶ ପାଟିଲ ଶିବସେନା ଉଦ୍ଧବ ଗୋଷ୍ଠୀରେ ଯୋଗ ଦେଇଛନ୍ତି। ପାର୍ଟି ମୁଖ୍ୟ ଉଦ୍ଧବ ଠାକରେଙ୍କ ବାସଭବନ ମାତୋଶ୍ରୀ ଠାରେ ଉନ୍ମେଷ ପାଟିଲ ଶିବସେନା ଉଦ୍ଧବ ଗୋଷ୍ଠୀରେ ଯୋଗ ଦେଇଛନ୍ତି। ବିଜେପି ଉନ୍ମେଷ ପାଟିଲଙ୍କ ସ୍ଥାନରେ ଜଲଗାଓଁରୁ ସ୍ମିତା ବାଗଙ୍କୁ ପ୍ରାର୍ଥୀ କରିଛି। ଉନ୍ମେଷ ପାଟିଲ ଶିବସେନା ଉଦ୍ଧବ ଗୋଷ୍ଠୀରେ ଯୋଗଦେବାରୁ ବିଜେପିର ବଡ଼ କ୍ଷତି ଘଟିପାରେ। ୨୦୧୯ରେ ଉନ୍ମେଷ ପାଟିଲ ୪ ଲକ୍ଷରୁ ଅଧିକ ଭୋଟ୍ ବ୍ୟବଧାନରେ ଜଲଗାଓଁରୁ ନିର୍ବାଚିତ ହୋଇଥିଲେ।

# ସଞ୍ଜୟ ସିଂ ବେଲ୍

ଦିଲ୍ଲୀର ଏକ ଅଦାଲତ ଅବକାରୀ ନୀତି ମାମଲାରେ ପ୍ରମାଣ ନଷ୍ଟ ନ କରିବା ଓ ସାକ୍ଷୀମାନଙ୍କୁ ପ୍ରଭାବିତ ନ କରିବାକୁ ଆମ୍ ଆଦ୍‌ମୀ ପାର୍ଟି ନେତା ସଞ୍ଜୟ ସିଂଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତିହାଡ଼ ସେଣ୍ଟ୍ରାଲ ଜେଲରୁ ସଞ୍ଜୟ ସିଂଙ୍କୁ ଖଲାସ କରିବା ନିର୍ଦ୍ଦେଶ ଜାରି କରିବା ପୂର୍ବରୁ ସ୍ୱତନ୍ତ୍ର ବିଚାରପତି କାବେରୀ ବାଓ୍ୱେଜା ଏହି ନିର୍ଦ୍ଦେଶ ଦେଇଛନ୍ତି। ଗତକାଲି ସୁପ୍ରିମକୋର୍ଟ ସଞ୍ଜୟ ସିଂଙ୍କୁ ଜାମିନ ମଞ୍ଜୁର କରିଥିଲେ। ଗତବର୍ଷ ଅକ୍ଟୋବର ମାସରେ ତାଙ୍କୁ ଗିରଫ କରାଯାଇଥିଲା।

ସଞ୍ଜୟ ସିଂ ତାଙ୍କର ପାସପୋର୍ଟ ଦାଖଲ କରିବା ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ ବାହାରକୁ ଯିବା ସମୟରେ ଜଣାଇବା ଓ ସର୍ବଦା ନିଜର ଫୋନ୍‌ର ଲୋକେସନ୍ ଅନ୍ ରଖିବାକୁ ଜଷ୍ଟିସ ବାୱେଜା ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସଞ୍ଜୟ ସିଂ ୨ ଲକ୍ଷ ଟଙ୍କାର ବ୍ୟକ୍ତିଗତ ବଣ୍ଡ୍ ଓ ସମାନ ପରିମାଣର ସିଓରିଟି ଦାଖଲ କରିବାକୁ ବିଚାରପତି ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ରାଜ୍ୟସଭା ଓଥ୍

କେନ୍ଦ୍ରମନ୍ତ୍ରୀ ଏଲ୍. ମୁରୁଗାନ ଓ ଆଉ ୧୧ଜଣ ନବନିର୍ବାଚିତ ରାଜ୍ୟସଭା ସଦସ୍ୟ ଆଜି ଶପଥ ନେଇଛନ୍ତି । ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ପାର୍ଲାମେଣ୍ଟ ସଦନସ୍ଥିତ ତାଙ୍କ ପ୍ରକୋଷ୍ଠରେ ସେମାନଙ୍କୁ ଶପଥପାଠ କରାଇଛନ୍ତି । ଅନ୍ୟ ସଦସ୍ୟମାନେ ହେଲେ ପ୍ରଫେସର ମନୋଜ ଝା, ଧର୍ମଶୀଳା ଗୁପ୍ତା, ସଂଜୟ ଯାଦବ, ହର୍ଷ ମହାଜନ, ସୁଭାଷ ଚନ୍ଦ୍ର, ମେଧା କୁଲ୍‌କର୍ଣ୍ଣି, ଚନ୍ଦ୍ରକାନ୍ତ ହାଣ୍ଡୋରେ, ଜି.ସି. ଚନ୍ଦ୍ରଶେଖର, ଗୋବିନ୍ଦ ଭାଇ ଢ଼ୋଲକିଆ, ସାଧନା ସିଂ ଓ ଅଶୋକ ସିଂ । ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ସମେତ ୫୬ ଜଣ ରାଜ୍ୟସଭା ସଦସ୍ୟ ଚଳିତ ସପ୍ତାହରେ ରାଜ୍ୟସଭାରୁ ଅବସର ନେଉଛନ୍ତି ।

## ଇଣ୍ଡିଆ -ୱ୍ୱାର୍ଲଡ ବ୍ୟାଙ୍କ

୨୦୨୪ରେ ଭାରତୀୟ ଅର୍ଥନୀତି ଶତକଡ଼ା ୭ ଦଶମିକ ୫ ଭାଗର ଅଭିବୃଦ୍ଧି ହାସଲ କରିବା କଥା ବିଶ୍ୱବ୍ୟାଙ୍କ ପୂର୍ବାନୁମାନ କରିଛି । ବିଶ୍ୱବ୍ୟାଙ୍କ ଏହାର ପୂର୍ବ ଅଟକଳରେ ସଂଶୋଧନ କରି ଏହାକୁ ଆଉ ଶତକଡ଼ା ୧ ଦଶମିକ ୨ ଭାଗ ବୃଦ୍ଧି କରିଛି । ବିଶ୍ୱବ୍ୟାଙ୍କର ସଦ୍ୟ ଦକ୍ଷିଣ-ଏସୀୟ ବିକାଶ ତଥ୍ୟ ଅନୁସାରେ ଦକ୍ଷିଣ-ଏସିଆର ମୋଟାମୋଟି ଅଭିବୃଦ୍ଧି ୨୦୨୪ରେ ଶତକଡ଼ା ୬ ଭାଗ ରହିବ । ଭାରତର ଅଧିକ ଅଭିବୃଦ୍ଧି ଓ ପାକିସ୍ତାନ ଏବଂ ଶ୍ରୀଲଙ୍କାରେ ସୁଧାର ଯୋଗୁଁ ଏଭଳି ହେବାର ବିଶ୍ୱବ୍ୟାଙ୍କ କହିଛି । ରିପୋର୍ଟ ଅନୁସାରେ ଦକ୍ଷିଣ ଏସିଆ ଆଗାମୀ ୨ ବର୍ଷ ପର୍ଯ୍ୟନ୍ତ ବିଶ୍ୱର ଦ୍ରୁତ ବିକାଶକାରୀ ଅଞ୍ଚଳ ରହିବାର ଆଶା କରାଯାଉଛି । ୨୦୨୫ରେ ଦକ୍ଷିଣ ଏସିଆର ଅଭିବୃଦ୍ଧି ହାର ଶତକଡ଼ା ୬ ଦଶମିକ ୧ ଭାଗ ରହିବାର ଅନୁମାନ କରାଯାଇଛି ।

## ମୁମ୍ବାଇ-ଆର୍‌ବିଆଇ ମିଟିଂ

୨୦୨୪-୨୫ ଆର୍ଥିକ ବର୍ଷର ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟିର ପ୍ରଥମ ଦ୍ୱିମାସିକ ବୈଠକ ମୁମ୍ବାଇରେ ଆରମ୍ଭ ହୋଇଛି । ଶୁକ୍ରବାର ଦିନ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ମୁଦ୍ରାନୀତିର ଘୋଷଣା କରିବେ । ଗତ ଫେବୃୟାରୀ ମାସରେ ମୁଦ୍ରାନୀତି କମିଟି ରେପୋରେଟ୍ କୁ ଶତକଡ଼ା ୬ ଦଶମିକ ୫ ଭାଗରେ ଅପରିବର୍ତ୍ତିତ ରଖିଥିଲା ।

# ହେଲ୍‌ଥ-ହିଟ୍‌ୱେଭ ମିଟିଂ

ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡବୀୟ ଗ୍ରୀଷ୍ମ ଋତୁରେ ଗରମଜନିତ ଅସୁସ୍ଥତାର ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷା କରିବା ପାଇଁ ଆଜି ଏକ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ସ୍ୱାସ୍ଥ୍ୟ ସଚିବ ଅପୂର୍ବ ଚନ୍ଦ୍ର, ନୀତି ଆୟୋଗ ସଦସ୍ୟ ଭି.କେ. ପଲ୍, ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶ ଏମ୍.ମହାପାତ୍ର, ଜାତୀୟ ଦୁର୍ବିପାକ ପରିଚାଳନା କର୍ତ୍ତୃପକ୍ଷ ସଦସ୍ୟ କମଲ କିଶୋର, ଏମ୍ସ ନିର୍ଦ୍ଦେଶକ ଓ ଅନ୍ୟ ବରିଷ୍ଠ ଅଫିସରମାନେ ବୈଠକରେ ଯୋଗଦେଇଥିଲେ। ପରେ ସାମ୍ବାଦିକ ମାନଙ୍କୁ ସୂଚନା ଦେଇ ଶ୍ରୀ ମାଣ୍ଡବୀୟ କହିଛନ୍ତି, କୃଷକ, ନିର୍ମାଣ କ୍ଷେତ୍ରର ଶ୍ରମିକ ଓ ନିର୍ବାଚନ କାର୍ଯ୍ୟରେ ମୁତୟନ ଥିବା ଲୋକମାନେ ପ୍ରଚୁର ପରିମାଣର ପାଣି ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ସେମାନେ ଗରମ ଓ ଅଂଶୁଘାତରୁ ରକ୍ଷା ପାଇପାରିବେ। ସେ କହିଛନ୍ତି, ସେମାନେ ଫଳରସ, ଲେମ୍ବୁରସ ଓ ଗ୍ରୀଷ୍ମ ଋତୁରେ ମିଳୁଥିବା ଫଳଗୁଡ଼ିକୁ ଖାଇ ଶରୀରର ଜଳୀୟଅଂଶ ବଢ଼ାଇପାରିବେ। ଶ୍ରୀ ମାଣ୍ଡବୀୟ କହିଛନ୍ତି, ଅଂଶୁଘାତରେ ଆକ୍ରାନ୍ତ ହେବାସ୍ଥଳେ ବ୍ୟକ୍ତିଙ୍କୁ ନିକଟସ୍ଥ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କିମ୍ବା ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇପାରିବ। ସେ କହିଛନ୍ତି, ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ରାଜ୍ୟ ଗୁଡ଼ିକୁ ପରାମର୍ଶ ଦିଆଯାଇଛି।

# ଇଣ୍ଡିଆ-ତାଇୱାନ ହେଲ୍‌ପ ଲାଇନ

ଇଣ୍ଡିଆ-ତାଇପେଇ ଆସୋସିଏସନ୍ ତାଇୱାନ ଭୂମିକମ୍ପ ସଂକ୍ରାନ୍ତରେ ସହାୟତା ପାଇଁ ଏକ ଜରୁରୀକାଳୀନ ହେଲ୍‌ପ୍ ଲାଇନ୍ ନମ୍ବର ଜାରି କରିଛି ।

ସେହି ନମ୍ବରଟି ହେଲା 09 05 24 79 06 । ଏଥିପାଇଁ ଇମେଲ୍ ହେଉଛି **ad.ita@mea.gov.in** । ତାଇୱାନ୍‌ରେ ରହୁଥିବା ଭାରତୀୟ ନାଗରିକମାନେ ସ୍ଥାନୀୟ କର୍ତ୍ତୃପକ୍ଷ ଜାରି କରିଥିବା ପରାମର୍ଶକୁ ପାଳନ କରିବା ପାଇଁ ଆସୋସିଏସନ ପକ୍ଷରୁ ଅନୁରୋଧ କରାଯାଇଛି । ତାଇୱାନ୍‌ରେ ୭ଦଶମିକ ୪ ତୀବ୍ରତା ବିଶିଷ୍ଟ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି ।